# ଚିନାବାଦାମ ଫସଲର ରୋଗ ଓ ପୋକ ପରିଚାଳନା





କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର



# ଚିନାବାଦାମ ଫସଲର ମୁଖ୍ୟ ରୋଗ ଓ ପୋକ

ଚିନାବାଦାମ ଆମ ରାଜ୍ୟର ମୁଖ୍ୟ ତୈଳବୀଜ ଫସଲ। ଖରିଫ୍ ଋତୁରେ ବର୍ଷା ଜଳ ଉପରେ ନିର୍ଭର କରି ଆମ ରାଜ୍ୟରେ ପ୍ରାୟ ୮୮ହଜାର ହେକ୍ଟର ଜମିରେ ଏହାକୁ ଚାଷ କରାଯାଇଥାଏ। ରବି ଓ ଗ୍ରୀଷ୍ମ ଋତୁରେ ମାଟିର ବତର ଓ ଜଳସେଚନକୁ ଦୃଷ୍ଟିରେ ରଖି ଏହି ଫସଲକୁ ପ୍ରାୟ ୨ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇଥାଏ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଚିନାବାଦାମ ଫସଲ ଚାଷ ହୋଇଥାଏ ଏବଂ ଆମ ରାଜ୍ୟର ଉତ୍ପାଦକତା ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି।

ଏହି ଫସଲକୁ ବିଭିନ୍ନ ଅବସ୍ଥାରେ ରୋଗ ପୋକ ଆକ୍ରମଣ କରୁଥିବାରୁ ଏହାର ଅମଳ ଯଥେଷ୍ଟ ବାଧାପ୍ରାପ୍ତ ହୋଇଥାଏ। ଫସଲକୁ ଏମାନଙ୍କ ପ୍ରାଦୁର୍ଭାବରୁ ରକ୍ଷା କରିବା ଦ୍ୱାରା ଅମଳହାନୀକୁ ରୋକାଯାଇ ଉତ୍ପାଦନ ବୃଦ୍ଧି କରାଯାଇପାରିବ। ଏଥିପାଇଁ ଚିନାବାଦାମ ଫସଲର ଅନିଷ୍ଟକାରୀ ରୋଗ ପୋକକୁ ଚିହ୍ନି ଏହାର ପରିଚାଳନା ବ୍ୟବସ୍ଥାକୁ ଚାଷୀମାନେ ଜାଣିବା ଆବଶ୍ୟକ।

ଚିନାବାଦାମ ଫସଲରେ ଲାଗୁଥିବା ମୁଖ୍ୟ ରୋଗ ପୋକ

## ମୁଖ୍ୟ ପୋକ

ଧୂଆଁପତ୍ର ଗୋଟି ପୋକ

ପତ୍ରସୁଡ଼ଙ୍ଗୀ ପୋକ

ନାଲି ସଁବାଳୁଆ

ଜଉ ପୋକ

ଉକୁଣିଆ ପୋକ

ପତ୍ରଡିଆଁ ପୋକ

ଉଇ

ଧବଳଭୃଙ୍ଗ

## ମୁଖ୍ୟ ରୋଗ

ଗଜାସଢ଼ା ରୋଗ

ବେକସଢ଼ା ଓ କାଣ୍ଡସଢ଼ା ରୋଗ

ଟୀକା ରୋଗ

କଳଙ୍କି ରୋଗ

ଅଗ୍ରମୁକୁଳ ରୋଗ

ଚେରଗଣ୍ଠି ସୂତ୍ରଜୀବ

କାଳହସ୍ତି ରୋଗ

## ପୋକ

### ୧) ଧୂଆଁ ପତ୍ର ଗୋଟିପୋକ

ଏହା ଏକ ବହୁଭକ୍ଷୀ ପୋକ। ପ୍ରଜାପତି ଗୁଡ଼ିକ ବଳିଷ୍ଠ, ମଧ୍ୟମ ଆକାରର। କଅଁଳିଆ ପତ୍ରରେ ଏହା ମେଞ୍ଚା ମେଞ୍ଚା କରି ଅଣ୍ଡା ଦେଇଥାଏ ଏବଂ ବାଦାମୀ ହଳଦିଆ ଲୋମ ଦ୍ୱାରା ଏହାକୁ ଘୋଡ଼ାଇ ରଖିଥାଏ। ଛୋଟ ଶୂକଗୁଡ଼ିକ ଗାଢ଼ ସବୁଜ ରଙ୍ଗର ଓ ବଡ଼ ଶୂକ ଗୁଡ଼ିକ ଫିକା ସବୁଜ ବାଦାମୀ ରଙ୍ଗର। ଏହା ମାଟିରେ କୋଷା ଅବସ୍ଥା ସମ୍ପନ୍ନ କରିଥାଏ। ସଦ୍ୟଜନ୍ମ ହୋଇଥିବା ଶୂକଗୁଡ଼ିକ ଦଳବଦ୍ଧ ହୋଇ ପତ୍ରର ସବୁଜ ଅଂଶ କୋରି ଖାଆନ୍ତି। ପରବର୍ତ୍ତୀ ସମୟରେ ପୋକ ଏକୁଟିଆ ରାତିରେ ପତ୍ର ଖାଆନ୍ତି ଏବଂ ଦିନରେ ଗଛ ମୂଳରେ ମାଟିରେ ଲୁଚି ରହନ୍ତି। ବେଳେବେଳେ ଏମାନେ ଅତିଶୟ ମାତ୍ରାରେ ଖାଇବା ଦ୍ୱାରା କେବଳ ପତ୍ରର ଡେମ୍ଫ ଓ ଶିରାଗୁଡ଼ିକ ରହିଥାଏ। ଶୂକଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଗୋଟିଏ କ୍ଷେତରୁ ଅନ୍ୟ କ୍ଷେତକୁ ଧାଇଁ ଥାନ୍ତି। ହାଲୁକା ମାଟିରେ ଶୂକଗୁଡ଼ିକ ଫଳ ମଧ୍ୟରେ ପ୍ରବେଶ କରି ଖାଇଥାନ୍ତି।





### ୨) ପତ୍ରସୁଡ଼ଙ୍ଗୀ ପୋକ

ଏହା ଚିନାବାଦାମର ଏକ ମୁଖ୍ୟ ପୋକ। ପୂର୍ଣ୍ଣାଙ୍ଗ କୀଟଟି ଏକ କ୍ଷୁଦ୍ର ପ୍ରଜାପତି, ବାଦାମୀ ଧୂଷର ରଙ୍ଗର, ଡେଣାଗୁଡ଼ିକ ଝାଲେରୀଯୁକ୍ତ ଏବଂ ପଛପଟକୁ ଧଳାଦାଗ ଥାଏ। ମାଈ ପୋକ ଛୋଟ ଗୋଟିକିଆ ଧଳାଅଣ୍ଡା ପତ୍ରତଳେ ଦେଇଥାଏ। ସଦ୍ୟ ଜନ୍ମିତ ଶୂକ ପତ୍ରର ଅଧିଚର୍ମ ମଧ୍ୟରେ ପଶି

ତନ୍ତୁଗୁଡ଼ିକ ଖାଇଯାଏ ଓ ବାଦାମୀରଙ୍ଗର ଅଙ୍କାବଙ୍କା ଖାଇବା ପଥ ସୃଷ୍ଟିକରେ। ପରବର୍ତ୍ତୀ ସମୟରେ ଦୁଇତିନୋଟି ପତ୍ର ଏକ ସଙ୍ଗେ ବାନ୍ଧି ଦେଇ ସେଥିରେ ମଳତ୍ୟାଗ କରିଥାଏ। ଏହା ମୋଡ଼ାପତ୍ର ମଧ୍ୟରେ ରହି କୋଷା ଅବସ୍ଥା ସମାପ୍ତ କରେ। ଅତିଶୟ ମାତ୍ରାରେ ଆକ୍ରାନ୍ତ ହୋଇଥିବା ଫସଲ ଦୂରରୁ ପୋଡ଼ିଗଲା ଭଳି ଦେଖାଯାଏ। ବେଳେବେଳେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଏ। ବର୍ଷାଦିନେ ୨୦ ରୁ ୨୫ ଦିନ ଶୁଖିଲା ପାଗ ରହିଲେ ଓ ବର୍ଷା ପରେ ପରେ ଉତ୍ତପ୍ତ ଶୁଖିଲା ପାଗରେ ଏହି ପୋକର ଆକ୍ରମଣ ବଢ଼ିଯାଇଥାଏ।





## ୩) ଉକୁଣିଆ ପୋକ

ବିଭିନ୍ନ ପ୍ରଜାତିର ଉକୁଣିଆ ପୋକ ଦେଖାଯାଆନ୍ତି। ଏମାନେ ବହୁଭକ୍ଷୀଜାତୀୟ, ଦେଖିବାକୁ ଖୁବ୍ ଛୋଟ, ନରମ ଏବଂ ଡେଣାଗୁଡ଼ିକ ଝାଲେରୀଯୁକ୍ତ। ମୋଡାପତ୍ର ଓ ଫୁଲ ମଧ୍ୟରେ ଲୁଚି ରହୁଥିବାରୁ ଏହା ସହଜରେ ଦେଖାଯାଏ ନାହିଁ। ଅର୍ଭକ ଏବଂ ପୂର୍ଣ୍ଣାଙ୍ଗ ପୋକ ପତ୍ରକୁ କୋରି ରସ ଶୋଷଣ କରନ୍ତି। ପତ୍ରର ତଳ ପଟେ ଧଳାଦାଗମାନ ଦେଖାଯାଏ ଏବଂ କଅଁଳ ପତ୍ରଗୁଡ଼ିକ ଲୋଟାକୋଟା ହୋଇଯାଏ। ଅତ୍ୟଧିକ ମାତ୍ରାରେ ଆକ୍ରମଣ ହେଲେ ଭୂତାଣୁ ଜନିତ ଅଗ୍ରମୁକୁଳ ପୋଡ଼ା ରୋଗ ସୃଷ୍ଟି ହୋଇ ଗଛ ରୁଗୁଡ଼ିଆ ହୋଇଯାଏ।





## ୪) ପତ୍ରଡିଆଁ ପୋକ



ପ୍ରାପ୍ତ ବୟସ୍କ ପୋକ ହଳଦିଆ ସବୁଜ ରଙ୍ଗର, ପ୍ରାୟ ୩ ମି.ମି. ଲମ୍ବ, ଫିକା ସବୁଜ ଡେଣାଯୁକ୍ତ, ପଛପଟ ସାମାନ୍ୟ ଧୂସର ରଙ୍ଗ । ଏମାନେ ପତ୍ରର ତଳଭାଗରେ ବସନ୍ତି ଓ ପତ୍ରରୁ ରସ ଶୋଷି ନିଅନ୍ତି । କଅଁଳିଆ ଗଛର ପତ୍ରଗୁଡ଼ିକ ଶେତା ପଡ଼ିଯାଏ । ଏହି ପୋକ ଅଧିକ ସଂଖ୍ୟାରେ ଦେଖାଗଲେ ପତ୍ରର ଧାର ହଳଦିଆ ପଡ଼ିଯାଏ ଓ କ୍ରମଶଃ ପତ୍ରଗୁଡ଼ିକ ପୋଡ଼ିଗଲା ପରି ଦେଖାଯାଏ । କୀଟ ଆକ୍ରମଣ ଯୋଗୁଁ ପତ୍ର ଅଗ୍ରଭାଗ ଧାରରେ 'V' ଆକାରର ହଳଦିଆ ଦାଗ ଦେଖାଯାଏ । ଏହି ପୋକ ଦ୍ୱାରା ମଧ୍ୟ ମଧୁଶିଶିର ସୃଷ୍ଟିହୋଇ ଗଛର ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

## ୫) ଉଇ

ବାଲିଆ ଓ ଲାଲ୍ ମାଟିରେ ଚିନାବାଦାମ ଫସଲରେ ଉଇ ଅଧିକ ଦେଖାଯାଏ । ଏହା ମାଟି ଭିତରେ ରହୁଥିବା ଏକ କୀଟ । ଏମାନେ ହୁଙ୍କା ମଧ୍ୟରେ ଏକତ୍ର ବାସ କରନ୍ତି । ହୁଙ୍କା ମଧ୍ୟରେ ଶ୍ରମିକ, ରାଜା, ରାଣୀ ଏହି ଭଳି ତିନି ପ୍ରକାର ଉଇ ଥାଆନ୍ତି । ରାଣୀ ଉଇ ଅନେକ ବର୍ଷ ବଞ୍ଚି ରହି ହଜାର ହଜାର ଅଣ୍ଡା ଦିଏ ଓ ଏଥିରୁ ଉଇ ବାହାରନ୍ତି । କେବଳ ଶ୍ରମିକ ଉଇ ଗଛ ମୂଳରେ ଦେଖାଯାଆନ୍ତି । ଏମାନଙ୍କର ଶରୀର ଧଳା ଏବଂ ନରମ । ଗଜା ହେବା ପରବର୍ତ୍ତୀ ସମୟରେ କଅଁଳିଆ ଚେର ଉଇଦ୍ୱାରା ଆକ୍ରାନ୍ତ ହୋଇ ନଷ୍ଟ ହୋଇଯାଏ ଏବଂ ଗଛ ଝାଉଁଳି ପରେ ମରିଯାଏ । ଏହି ଲକ୍ଷଣ ଦ୍ୱାରା ଉଇର ଅବସ୍ଥିତି ଜଣାପଡ଼େ । ଏମାନେ ମାଟି ତଳେ ବାଦାମ ଫଳକୁ କଣାକରି ତନ୍ତୁଗୁଡ଼ିକ ଖାଇଯାନ୍ତି ଓ ଫଳ ଭିତରେ ବାଲି ଓ ମାଟି ଭରିଯିବାର ଲକ୍ଷ୍ୟ କରାଯାଏ ।





## ୬)  ଧବଳ ଭୃଙ୍ଗ

ଏହା ଖରିଫ୍ ଚିନାବାଦାମକୁ ବ୍ୟାପକ ଭାବରେ କ୍ଷତି କରୁଥିବା ଏକ ଅପକାରୀ କୀଟ। ପ୍ରଥମ ବର୍ଷା ପରେ ମାଟିରେ ଲୁଚି ରହିଥିବା ଭୃଙ୍ଗ ଗୁଡ଼ିକ ସନ୍ଧ୍ୟା ସମୟରେ ବାହାରକୁ ବାହାରି ଆସି ଜମି ନିକଟରେ ଥିବା ବରକୋଳି, ବବୁଲ, ଆକାସିଆ, ନିମ୍ବ ଆଦି ଗଛରେ ବସନ୍ତି। ପରଦିନ ସକାଳୁ ଏମାନେ ମାଟିରେ ପ୍ରବେଶ କରି ଲୁଚିଯାନ୍ତି ଓ ଅଣ୍ଡା ଦିଅନ୍ତି। ଅଣ୍ଡାଫୁଟି ଭୃଙ୍ଗଗୁଡ଼ିକ ବାହାରନ୍ତି। ପୂର୍ଣ୍ଣାଙ୍ଗ ଭୃଙ୍ଗଗୁଡ଼ିକ ୫୦-୬୦ମି.ମି. ଲମ୍ବ, ମୋଟା, ମୁଣ୍ଡଟି ହଳଦିଆ ରଙ୍ଗ, ମୁଣ୍ଡ ଅଗ୍ରଭାଗରେ ଶକ୍ତ ପାଟି ଥାଏ। ଅଗ୍ରଭାଗରେ ତିନିଯୋଡ଼ା ଗୋଡ଼ ଥାଏ। ଶରୀର ଇଂରାଜି ଅକ୍ଷର ସି (C) ଆକାର ହୋଇଥାଏ। ମଧ୍ୟଭାଗ ଈଷତ୍ ଧଳା ଓ ପଛଭାଗ ଧୂସର ରଙ୍ଗର ହୋଇଥାଏ। ଏମାନେ ମାଟିତଳେ ରହି ଗଛର ଚେରକାଟି ଖାଇଯାଆନ୍ତି। ଅପରାହ୍ନରେ ଗଛ ଝାଉଁଳି ଯିବା ଓ ରାତିରେ ପୁଣି ସତେଜ ହେବା ଚିହ୍ନିବାର ଏକ ପ୍ରଧାନ ଲକ୍ଷଣ। ଜମିରେ ଗଛଗୁଡ଼ିକ ମନ୍ଦା ମନ୍ଦା ହୋଇ ମରିଯାଏ।



## ୭) ଜଉ ପୋକ

ଏଗୁଡ଼ିକ କ୍ଷୁଦ୍ର ସବୁଜ ବା ସବୁଜ ମିଶା ବାଦାମୀ କିମ୍ବା କଳା ରଙ୍ଗର ଅତି କ୍ଷୁଦ୍ର କୀଟ। ଗଛର କଅଁଳିଆ ଅଂଶରେ ମେଞ୍ଚା ମେଞ୍ଚା ହୋଇ  ଏଗୁଡ଼ିକ ରସ ଶୋଷି ଖାଆନ୍ତି। ଏମାନଙ୍କ ମଳରେ ଏକ ପ୍ରକାରର ଫିମ୍ପି ମାଡ଼ି କଳା ରଙ୍ଗର ଆସ୍ତରଣ ସୃଷ୍ଟି କରେ। ଆକ୍ରାନ୍ତ ଗଛରେ ପିମ୍ପୁଡ଼ି ରହିବାର ଲକ୍ଷ୍ୟ କରାଯାଏ। ଏହି ପୋକର ଆକ୍ରମଣ ଦ୍ୱାରା ଗଛରେ ଭୂତାଣୁ ଜନିତ ରୋଗ ସୃଷ୍ଟି ହୋଇ ଗଛର ବୃଦ୍ଧି ହୋଇନଥାଏ।





## ୮) ନାଲି ସଁବାଲୁଆ



ପୂର୍ଣ୍ଣାଙ୍ଗ କୀଟଟି ଇଷତ୍ ବାଦାମୀ ରଙ୍ଗର ପ୍ରଜାପତି। ଏହାର ଡେଣାରେ ଓ ମୁଣ୍ଡରେ କଳା ଦାଗ ଥାଏ। ଉଦରଟି ଲାଲ ରଙ୍ଗର ଓ ସେଥିରେ କଳା ବିନ୍ଦୁମାନ ଦେଖାଯାଏ। ପତ୍ରର ତଳ ପଟରେ ମାଆ ପୋକ ମେଞ୍ଚା ମେଞ୍ଚା ଅଣ୍ଡା ଦେଇଥାଏ। ଶୂକର ଶରୀର ଲୋମଯୁକ୍ତ ଲାଲ ରଙ୍ଗ। ଦଳବଦ୍ଧ ଭାବରେ ଏମାନେ ପତ୍ରର ତଳପଟରେ ଲୁଚି ରହି ସବୁଜ ଅଂଶ କୋରି ଖାଆନ୍ତି ଓ ପରବର୍ତ୍ତୀ ଅବସ୍ଥାରେ ପତ୍ର ଓ ଗଛର କଅଁଳିଆ ଅଂଶକୁ ଖାଇ ନଷ୍ଟ କରିଦିଅନ୍ତି। ମାଟିରେ ଶୁଖିଲା ପତ୍ର ଆଦି ମଧ୍ୟରେ ଏହି ପୋକ କୋଷା ଅବସ୍ଥା ସମ୍ପନ୍ନ କରିଥାଏ।

# ରୋଗ

## ୧) ଗୋଡ଼ସଢ଼ା ଓ କାଣ୍ଡସଢ଼ା ରୋଗ



ମୂଳପାଖରୁ ଗଛର କାଣ୍ଡ ସଢ଼ିଯାଇ ତା ଉପରେ କବକ ମାଡ଼ିଯାଏ। ଗଛ ହଳଦିଆ ପଡ଼ିଯାଏ ଓ ପରେ ସଢ଼ାମୂଳଟି କଳା ଦେଖାଯାଏ। ବେଳେ ବେଳେ ଫଳ, ମୂଳ ଓ ମାଟିଭିତରେ ଥିବା ଓହଳ ମଧ୍ୟ ଆକ୍ରାନ୍ତ ହୋଇଥାଏ। ଅଧିକ ଆକ୍ରାନ୍ତ ଗଛଟି ମରିଯାଏ। ଛୋଟ ଛୋଟ ସୋରିଷ ମଞ୍ଜିଭଳି କବକ ଗଛ ମୂଳରେ ମାଟିଉପରେ ଦେଖାଯାଏ। ଆକ୍ରାନ୍ତ ଫଳ ଭିତରେ ମଞ୍ଜିଗୁଡ଼ିକରେ କଳାଛାପ ହୋଇଯାଏ। ସାଧାରଣତଃ ଖରା ଓ ବର୍ଷାପାଗ ଅଦଳବଦଳ ହୋଇ ଅନୁଭୂତ ହେଲେ ଏହି ରୋଗ ଅଧିକ ହୁଏ।

## ୨) ଟୀକା (ପତ୍ରଚିତା) ରୋଗ

### କ) ସଅଳ ଟୀକା ରୋଗ



ଚିନାବାଦାମ ଫସଲ ଲଗାଇବାର ଏକ ମାସ ପରେ ଏହି ରୋଗ ଦେଖାଯାଏ। ପ୍ରଥମେ ପତ୍ରର ଉପରିଭାଗରେ ବାଦାମୀ କିମ୍ୱା କଳାରଙ୍ଗର ଦାଗମାନ ଦେଖାଯାଏ। ପତ୍ରର ଠିକ୍ ତଳେ ଅଳ୍ପ ଧୂସର ରଙ୍ଗର ଦାଗମାନ ସୃଷ୍ଟି ହୁଏ। ଏହି ଦାଗ ଗୁଡ଼ିକ ଅନିୟମିତ ଆକାରରୁ ଗୋଲାକାର ହୁଏ। ପରେ ଏହା ପତ୍ରଡେଙ୍ଫ ଓ ଗଛର ଅନ୍ୟ ଅଂଗକୁ ବ୍ୟାପିଯାଏ। ଅଧିକ ଆକ୍ରାନ୍ତ ଗଛରୁ ପତ୍ର ଝଡ଼ିପଡ଼େ ଓ ଗଛର ବୃଦ୍ଧି ସହିତ ଚିନାବାଦାମର ଅମଳ କମିଯାଏ। ଚିନାବାଦାମ ମଞ୍ଜିରେ ମଧ୍ୟ ରୋଗର ଲକ୍ଷଣ ଦେଖାଯାଏ ଓ ମଞ୍ଜି ଶୁଖି ମୁରୁକୁଟିଆ ହୋଇଯାଏ।

### ଖ) ଉଛୁର ଟୀକାରୋଗ



ଖରିଫ୍ ଋତୁରେ ମଞ୍ଜି ଲଗାଇବାର ୫୫-୫୭ ଦିନ ପରେ ଓ ରବି ଋତୁରେ ୪୨-୪୬ ଦିନ ପରେ ପତ୍ରର ତଳପଟେ ଗାଢ଼ କଳା ଦାଗ ଦେଖାଯାଏ। ପରେ ଅଧିକ ଦାଗ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡ଼ିଯାଏ। ଅଧିକ ଆକ୍ରାନ୍ତ ହେଲେ ପତ୍ର ଡେଙ୍ଫ ଓ କାଣ୍ଡକୁ ବ୍ୟାପିଯାଏ ଓ ପରେ ପତ୍ରଗୁଡ଼ିକ ଝଡ଼ିପଡ଼େ। ଫଳରେ ଫସଲର ବୃଦ୍ଧି ଓ ଅମଳ କମିଯାଏ।

## ୩) କଳଙ୍କି ରୋଗ

ପ୍ରଥମେ ପତ୍ରର ତଳପଟେ କଳଙ୍କି ରୋଗର ଗୋଲାକାର ଦାନାସବୁ ଦେଖାଯାଏ। ପରେ ପତ୍ରର ଉପର ପଟେ ମଧ୍ୟ ଏହି ଲକ୍ଷଣ ଦେଖାଯାଏ। ବେଳେ ବେଳେ କାଣ୍ଡ ଉପରେ ମଧ୍ୟ

ଏହି ପରି ଦାଗ ଦେଖାଯାଏ। ଏହା ହାତକୁ ଉଚା ଲାଗେ। ଖରିଫ୍ ଫସଲରେ ଉଚ୍ଛୁର ଟୀକା ରୋଗ ଓ କଳଙ୍କି ରୋଗ ଏକା ସମୟରେ ପ୍ରାୟତଃ ଦେଖାଯାଏ। ଦୁଇଟି ରୋଗ ଏକ ସଙ୍ଗେ ଦେଖାଦେଲେ ଫସଲର ପ୍ରଭୂତ କ୍ଷତି ହୋଇଥାଏ।



## ୪) ଅଗ୍ରମୁକୁଳ ପୋଡ଼ା ରୋଗ



ଏହା ଏକ ଭୂତାଣୁ ଜନିତ ରୋଗ। ଏହି ରୋଗ ଉକୁଣିଆ ପୋକ ଦ୍ୱାରା ବ୍ୟାପିଥାଏ। ପ୍ରଥମେ କଅଁଳିଆ ଅଗ ପତ୍ରରେ ଛାପି ଛାପିକା ହଳଦିଆ ଦାଗ ଦେଖାଯାଏ। ପରେ ଗଛର ବଢ଼ନ୍ତା ଅଗ୍ରମୁକୂଳ ପୋଡ଼ିଗଲା ପରି ଦେଖାଯାଏ। ଆକ୍ରାନ୍ତ ଗଛର ପତ୍ର ଛୋଟ ହୋଇଯାଏ । ବିକୃତ ହୋଇ ମୋଟା ହୋଇଯାଏ। ଫୁଲ ମଳିନ ପଡ଼ିଯାଏ। ଗଛ ବଢ଼ିପାରେନା। ଫଳ ସଂଖ୍ୟା କମିଯାଏ। ଫଳ ଭିତରେ ମଞ୍ଜି ଶୁଖିଲା ଓ କଣିଆ ହୋଇଥାଏ।

## ୫) ଗଜା ସଢ଼ା ରୋଗ



ଗଜା ହେବା ସମୟରେ କିମ୍ବା ବୀଜ ପତ୍ର ବାହାରିବା ସମୟରେ ବିହନ ବାହୀ ବା ମୃତ୍ତିକାବାହୀ ଫିମ୍ପି (ଆସପରଜିଲସ୍) ଏହାକୁ ଆକ୍ରମଣ କରିବା ଦ୍ୱାରା ମଞ୍ଜି ଭିତରେ ଗଜା ମରିଯାଏ କିମ୍ବା ବୀଜ ପତ୍ରର ଚାରିପଟ କଳା ପଡ଼ି ସଢ଼ି ଯାଏ। ପରବର୍ତ୍ତୀ ଅବସ୍ଥାରେ ଫିମ୍ପି ଆକ୍ରମଣ ହେଲେ ଗଛ ମରିଯାଏ। ବଡ଼ ଗଛ ଆକ୍ରାନ୍ତ ହେଲେ ମାଟିତଳେ ଥିବା କାଣ୍ଡରେ ବଡ଼ ବଡ଼ ଦାଗ ଦେଖାଯାଏ। କାଣ୍ଡ ସଢ଼ିଯାଏ, ଫଳ ଉପରେ କଳା ରଙ୍ଗର ଫିମ୍ପି ମାଡ଼ିଯାଏ।

## ୬) ସୂତ୍ର ଜୀବ ଜନିତ ରୋଗ

### କ) ଚେରଗଣ୍ଠି ରୋଗ



ଏହି ରୋଗ ଚେରଗଣ୍ଠି ସୂତ୍ରଜୀବ ଦ୍ୱାରା ହୋଇଥାଏ । ଚେରରେ ଏହାର ଲକ୍ଷଣ ପ୍ରକାଶ ପାଏ । ସୂତ୍ରଜୀବକୁ ଖାଲି ଆଖିରେ ଦେଖି ହୁଏ ନାହିଁ । ଏହି ସୂତ୍ରଜୀବ ଆକ୍ରମଣ ଯୋଗୁଁ ଚେରରେ ଅନିୟମିତ ଆକାରର ଗଣ୍ଠିସବୁ ଦେଖାଯାଏ । ଦିନବେଳେ ଆକ୍ରାନ୍ତ ଗଛ ଝାଉଁଳି ଯାଏ ଓ ରାତିରେ ସତେଜ ହୋଇଯାଏ । ଆକ୍ରାନ୍ତ ଗଛ ରୁଗ୍‌ଣ ହୋଇ ଫୁଲ ଫଳ ଖୁବ୍ କମ୍ ହୁଏ ।

### ଖ) କାଳହସ୍ତି ରୋଗ



ଏହା ମଧ୍ୟ ଏକ ସୂତ୍ରଜୀବ ଜନିତ ରୋଗ । ଆନ୍ଧ୍ରପ୍ରଦେଶର କାଳହସ୍ତୀ ନାମକ ସ୍ଥାନରେ ଏହି ରୋଗ ପ୍ରଥମେ ଚିହ୍ନଟ କରାଯାଇଥିବାରୁ ଏହାର ଏପରି ନାମକରଣ ହୋଇଛି । ବର୍ତ୍ତମାନ ଆମ ରାଜ୍ୟରେ ମଧ୍ୟ ଏହି ରୋଗ ଦେଖାଯାଉଛି । ଏହି ରୋଗ ଦେଖାଦେଲେ କିଆରୀରେ ଠାଏ ଠାଏ ଗଛଗୁଡ଼ିକ ରୁଗ୍‌ଣ ଓ ଅଧିକ ସବୁଜ ଦେଖାଯାଆନ୍ତି । ଗଛର ଓହଳ ଛୋଟ ହୁଏ ଓ ଏହା ମାଟିରେ ପଶି ପାରେ ନାହିଁ । ଫୁଲ ଉପରେ ବାଦାମୀ ରଙ୍ଗର ଦାଗ ସବୁ ଦେଖାଯାଏ । ମାଟି ତଳେ ଛୋଟ ଛୋଟ ଫଳ ହୁଏ ଓ ଏହା ଉପରେ ମଧ୍ୟ କଳା ଦାଗ ଦେଖାଯାଏ । ଅଧିକ ଆକ୍ରାନ୍ତ ଫଳ ସମ୍ପୂର୍ଣ୍ଣ କଳା ପଡ଼ିଯାଏ । ବାଦାମ ମଞ୍ଜିର ଆକାର ଛୋଟ ହୋଇଥାଏ ।

## ଘାସ (ତୃଣକ)

ଚିନାବାଦାମ ଫସଲରେ ଦୁବ, ସୁଆଁ, କାଉଗୋଡିଆ, ମୁଥା, ମାଣ୍ଡିଆ ଘାସ, କଙ୍କଡ଼ାଘାସ, କାନିଶିରି, ବଣଖଡ଼ା, ପୋକସୁଙ୍ଗା, ମୟୂରଚୁଳିଆ, ଅଣସୋରିଷିଆ ଓ ବାଡିଅଁଳା ଆଦି ଅନାବନା ଗଛ ଉଠିଥାଏ । ତୃଣନାଶକ ପ୍ରୟୋଗ କରି, ଠିକ୍ ସମୟରେ ହାତରେ ଘାସ ବାଛି ଓ କୋଡ଼ା ଖୋସା କରି ଘାସ ଦମନ କରିବା ନିହାତି ଦରକାର ।

## ଦୁବ



ଏହା ଏକ ବହୁବର୍ଷୀୟ ଘାସ । ଗୁଚ୍ଛ ଚେର ଦ୍ୱାରା ଶକ୍ତ ଭାବରେ ମାଟିକୁ ଧରି ରଖିଥାଏ । ବର୍ଷସାରା ଫୁଲ ଫୁଟେ । ମୂଳ ଓ କାଣ୍ଡଦ୍ୱାରା ବଂଶ ବିସ୍ତାର କରେ । ଚାଷ ହେଉନଥିବା ଜମିରେ ଏହା ଅତି ସାଂଘାତିକ ଅନାବନା ଘାସ । ଖରିଫ ଫସଲ ଓ ବଗିଚା ମଧ୍ୟରେ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ବହୁଳ ଭାବରେ ଦେଖାଯାଏ । ଥରେ ଜମିରେ ରହିଗଲେ ମରିବା ପାଇଁ ବହୁ ବର୍ଷ ନିଏ ।

**ନିୟନ୍ତ୍ରଣ :** ମଇ, ଜୁନ୍, ମାସରେ ଗହିରିଆ ଖରାଟିଆ ଚାଷ କରି ମୂଳକୁ ହାତରେ ବାହାର କରି ପୋତି ଦେଲେ ନିୟନ୍ତ୍ରଣ ହୁଏ ।

## ମୁଥା



ଏହା ଏକ ବହୁବର୍ଷୀୟ ଅତ୍ୟନ୍ତ କ୍ଷତିକାରକ ଘାସ ଯାହା ଗ୍ରୀଷ୍ମ, ବର୍ଷା ଓ ରବି ଋତୁରେ ଚାଷ ହେଉଥିବା ପ୍ରତ୍ୟେକ ଫସଲରେ ଦେଖାଯାଏ । ଏହା ମୂଳରେ ଥିବା କନ୍ଦା ଦ୍ୱାରା (Tubers and Rhizome) ବଂଶ ବିସ୍ତାର କରେ । ଗୋଟିଏ ଋତୁରେ ଗୋଟିଏ ଗଛରେ ଅନେକ କନ୍ଦା ହୁଏ । ମଇରୁ ଅକ୍ଟୋବର ମାସ ମଧ୍ୟରେ ଫୁଲ ଫୁଟେ ଓ ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ମୂଳରେ କନ୍ଦ ହୁଏ । ଏହି କନ୍ଦଗୁଡ଼ିକ ଟାଣ ଖରା ହେଲେ ମଧ୍ୟ ଶୁଖି ନ ଯାଇ ଅନେକ ଦିନ ପର୍ଯ୍ୟନ୍ତ ବଞ୍ଚି ରହେ ।

**ନିୟନ୍ତ୍ରଣ :** (କ) ଗୋଟିଏ ଜମିରୁ ଅନ୍ୟ ଜମିକୁ ମାଟି ସାହାଯ୍ୟରେ ସ୍ଥାନାନ୍ତର ହୋଇଥାଏ । ତେଣୁ ବ୍ୟବହୃତ କୃଷି ଯନ୍ତ୍ରପାତି ପରିଷ୍କାର କରି ବ୍ୟବହାର କରନ୍ତୁ । (ଖ) ଏପ୍ରିଲ, ମଇ ଓ ଜୁନ୍ ମାସରେ ଥରକୁ ଥର ଗହିରିଆ ଚାଷ କରନ୍ତୁ ଓ କନ୍ଦାକୁ ହାତରେ ବାଛି ପରିଷ୍କାର କରନ୍ତୁ ।

## ସୁଆଁ



ଏହା ଏକ ବାର୍ଷିକ ଘାସ ଯାହା ମୁଖ୍ୟତଃ ଧାନ ଜମିରେ ଦେଖାଯାଏ। ଘାସର ଉଚ୍ଚତା ୫୦-୬୦ସେ.ମି.। ଗୁଚ୍ଛ ଚେରଯୁକ୍ତ। ପତ୍ରାଚ୍ଛଦ କାଣ୍ଡକୁ ଆଚ୍ଛାଦକରି ରଖିଥାଏ। ୩-୫ଟି ଆଙ୍ଗୁଳି ଥିବା ଫୁଲ ପେନ୍ଥା ଥାଏ। ମଞ୍ଜିଦ୍ୱାରା ବଂଶବିସ୍ତାର ହୁଏ।

## ମାଣ୍ଡିଆ ଘାସ



ଏହା ଏକ ବାର୍ଷିକ ଘାସ, ମୁଖ୍ୟତଃ ବର୍ଷାଋତୁରେ ଦେଖାଯାଏ। ଧାନ, କପା, ଝୋଟ, ଚିନାବାଦାମ ଇତ୍ୟାଦି ଫସଲରେ ଏହା ବହୁଳ ଭାବେ ଦେଖାଯାଏ। ଏହାର କାଣ୍ଡ ମୋଟା, ଗୋଲ ଓ ସିଧା ହୋଇ ରହେ। ପତ୍ର ଲମ୍ୱା, ପତ୍ରାଚ୍ଛଦରେ ହାଲକା ଭାବରେ ଥାଏ। କାଣ୍ଡର ଅଗ୍ରଭାଗରେ ୩-୭ଟି ଆଙ୍ଗୁଠି ଥାଏ। ମଞ୍ଜି ଛୋଟ ଗୋଲାକାର। ଅଗଷ୍ଟରୁ ଅକ୍ଟୋବର ମାସ ମଧ୍ୟରେ ବିଶେଷ ଭାବରେ ଦେଖାଯାଏ। ମଞ୍ଜିଦ୍ୱାରା ବଂଶ ବିସ୍ତାର ହୁଏ।

## କଙ୍କଡା ଘାସ



ଏହା ଏକ ବାର୍ଷିକ ଘାସ। ହାଲୁକା ଓ ବାଲିଆ ମାଟିରେ ପ୍ରାୟ ସମସ୍ତ ଖରିଫ୍ ଫସଲରେ ଦେଖାଯାଏ। କାଣ୍ଡ ଲମ୍ୱା, ପତ୍ରାଚ୍ଛାଦ ହାଲକା ଭାବରେ କାଣ୍ଡରେ ଲାଗିଥାଏ। ପତ୍ରାଚ୍ଛଦରେ ଛୋଟ ଛୋଟ ବାଳ ପରି ରହିଥାଏ। ଲମ୍ୱା ଲମ୍ୱା ଆଙ୍ଗୁଠି ଅଗ୍ରଭାଗରେ ଥାଏ। ସେପ୍ଟେମ୍ବର ଓ ନଭେମ୍ବର ମାସରେ ଫୁଲ ଫୁଟେ। ମଞ୍ଜି, କାଣ୍ଡ ଓ ଚେର ଦ୍ୱାରା ବଂଶ ବିସ୍ତାର ହୁଏ।

## କାନିଶିରି



ଏହା ଏକ ବାର୍ଷିକ ଘାସ। ମୁଖ୍ୟତଃ ମକା, ଚିନାବାଦାମ, କପା, ଖରିଫ୍ ଡାଲିଜାତୀୟ ଫସଲରେ ଏହା ଦେଖାଯାଏ। ଏହା ଖୁବ୍ ଶୀଘ୍ର ବୃଦ୍ଧି ପାଏ। କାଣ୍ଡରେ ଗଣ୍ଠି ରହିଥାଏ। ସମୟେ ସମୟେ ଲଟାପରି ମାଡିଯାଏ। ପତ୍ର କାଣ୍ଡରେ ଲାଗି ରହିଥାଏ। ନୀଳରଙ୍ଗର ଛୋଟ ଛୋଟ ଫୁଲ ଫୁଟେ। ମଞ୍ଜି ଦ୍ୱାରା ବଂଶ ବିସ୍ତାର କରେ।



## କାଉ ପାଦିଆ

ଏହା ଏକ ବାର୍ଷିକ ଖରିଫ୍ ଘାସ। ମୁଖ୍ୟତଃ ମକା ଚିନାବାଦାମ କପା, ଆଖୁର ଓ ଡାଲିଜାତୀୟ ଫସଲରେ ଦେଖାଯାଏ। ପତ୍ର ସରୁ ସରୁ। ଶେଷରେ ଚାରୋଟି ଆଙ୍ଗୁଠି ଥାଏ ଯାହା ସମକୋଣାକାର ହୋଇ ରହିଥାଏ। ମଞ୍ଜି ଖୁବ୍ ଛୋଟ। ମଞ୍ଜି ଦ୍ୱାରା ବଂଶ ବିସ୍ତାର ହୁଏ। ଏହା ଗୃହପାଳିତ ପଶୁମାନଙ୍କର ଖାଦ୍ୟ ପାଇଁ ବ୍ୟବହାର ହୁଏ।



## ବଣ ଲେଉଟିଆ ଓ କଣ୍ଟାଖଡ଼ା

ଖରିଫ ଋତୁରେ ପ୍ରାୟ ପ୍ରତ୍ୟକ ଫସଲରେ ଏହି ଦୁଇଟି ବାର୍ଷିକ ଦ୍ୱିବୀଜପତ୍ରୀ ଘାସ ଦେଖାଯାଏ। ସାଧାରଣ ଗୋଲାକୃତି ସବୁଜ ପତ୍ର ରହିଥାଏ। ଗଛର ଉଚ୍ଚତା ୩୦-୫୦ସେ.ମି.। ଫୁଲ ପେନ୍ଥା ହୋଇଥାଏ। ଅଗଷ୍ଟ-ସେପ୍ଟେମ୍ବର ମାସରେ ଫୁଲ ଫୁଟେ। ମଞ୍ଜି ଦ୍ୱାରା ବଂଶ ବିସ୍ତାର ହୁଏ। କଣ୍ଟାଖଡ଼ା ରେ ପତ୍ର ମୂଳରେ କଣ୍ଟାଥାଏ।



## ମୟୂର ଚୂଳିଆ / ଈଶ୍ୱରଜଟା/ ଲହଙ୍ଗା

ଖରିଫ୍ ଓ ରବି ଋତୁରେ ବିଭିନ୍ନ ଫସଲରେ ଏହା ଏକ ଅତି ସାଧାରଣ ଘାସ। ମୁଖ୍ୟତଃ ଚିନାବାଦାମ ଫସଲରେ ଏହା ବିଶେଷ ଭାବେ ଦେଖାଯାଏ। ବର୍ଷା ହେବା ସଙ୍ଗେ ସଙ୍ଗେ ମଞ୍ଜି ଅଙ୍କୁରିତ ହୋଇ ବଢ଼େ। ଗଛ ପ୍ରାୟ ଏକ ମିଟର ପର୍ଯ୍ୟନ୍ତ ବଢ଼େ। କାଣ୍ଡ କୋଣାକାର, ପତ୍ର ସାଧାରଣ, ଏକାନ୍ତର ଫୁଲ ପେନ୍ଥା ଗଛର ଅଗ୍ରଭାଗରେ ଥାଏ। ଧଳା ପିଙ୍କ୍ ରିଙ୍ଗ ମୟୂର ଚୂଳ ପରି ହୋଇଥାଏ।



## ଦୁଧି

ଏହା ଏକ ବାର୍ଷିକ ଘାସ। ସାଧାରଣତଃ ଖରାଦିନେ ଦେଖାଯାଏ ଓ ଅକ୍ଟୋବର ମାସ ପର୍ଯ୍ୟନ୍ତ ଜମିରେ ରହେ। ବର୍ଷର ସବୁ ସମୟରେ ଫୁଲ ଫୁଟେ ଓ ଫଳ ଧରେ । କାଣ୍ଡରେ ସରୁ ସରୁ ଲୋମ ଭରି ରହିଥାଏ। କାଣ୍ଡକୁ ଭାଙ୍ଗିଲେ ଧଳା ରଙ୍ଗର ତରଳ ପଦାର୍ଥ ବାହାରେ। ତେଣୁ ଏହାକୁ ଦୁଧି କୁହାଯାଏ। ପତ୍ର

ସବୁଜ। ସମୟେ ସମୟେ ଈଷତ ଲାଲ ଫୁଲ ଅତି ଛୋଟ ପେନ୍ଥା ପେନ୍ଥା ହୋଇ ଫୁଟେ। ମଞ୍ଜି ଛୋଟ ଛୋଟ। ମଞ୍ଜି ଦ୍ୱାରା ବଂଶ ବିସ୍ତାର ହୁଏ।

## ପୋକଶୁଙ୍ଘା



ଏହା ଏକ ବାର୍ଷିକ ଦ୍ୱିବୀଜପତ୍ରୀ ଘାସ। ଗଛ ୧୦-୮୦ ସେ.ମି. ପର୍ଯ୍ୟନ୍ତ ଉଚ୍ଚ ହୁଏ। ସବୁଜ ପତ୍ର ଓ ଦନ୍ତୁରିତ ପତ୍ରଧାର ତ୍ରିକୋଣାକାର ହୋଇଥାଏ। ବର୍ଷା ହେବା ସହ ମଞ୍ଜି ଗଜା ହୁଏ ଓ ଅକ୍ଟୋବର ମାସ ପର୍ଯ୍ୟନ୍ତ ଜମିରେ ରହେ।

## ଗୟସ



ଏହା ଏକ ସାଧାରଣ ବାର୍ଷିକ ଘାସ। କାଣ୍ଡ ସିଧା ରହେ। କାଣ୍ଡରେ ପତ୍ର ରହେ। ଫୁଲ ପେନ୍ଥା ଉପରେ ପତ୍ର ରହିଥାଏ। ମଞ୍ଜି ଦ୍ୱାରା ବଂଶ ବିସ୍ତାର ହୁଏ।

## ଅଣସୋରିଷିଆ



ଉଭୟ ଚାଷ ଓ ଚାଷ ହୋଇ ନ ଥିବା ଜମିରେ ଏହା ଏକ ଅତି ସାଧାରଣ ଘାସ। ଏହା ମୁଖ୍ୟତଃ ହାଲୁକା, ବାଲିଆ ମାଟିରେ ବିଶେଷ ଦେଖାଯାଏ। ଚିନାବାଦାମ, ମକା, କପା, ଡାଲିଜାତୀୟ ଫସଲ ଇତ୍ୟାଦିରେ ଦେଖାଯାଏ। ଉଚ୍ଚତା ୩୦-୭୫ସେ.ମି. ପର୍ଯ୍ୟନ୍ତ ହୁଏ। ହଳଦିଆ ରଙ୍ଗର ଫୁଲ ଫୁଟେ। ସୋରିଷ ଫଳ ପରି ଫଳ ହେଉଥିବାରୁ ଏହାକୁ ଅଣସୋରିଷିଆ କୁହାଯାଏ। ମଞ୍ଜିଦ୍ୱାରା ବଂଶ ବିସ୍ତାର ହୁଏ।

## ବାଡିଅଁଳା



ଏହାର ପତ୍ର ଅଁଳା ପତ୍ର ପରି ଦେଖାଯାଉଥିବାରୁ ଏହାକୁ ବାଡିଅଁଳା କୁହାଯାଏ। ଏହା ଏକ ବାର୍ଷିକ ଦ୍ୱିବୀଜପତ୍ରୀ ଘାସ। କାଣ୍ଡ ଗୋଲାକାର ଡେଙ୍ଗା। ମୂଳରୁ ଶାଖା ବାହାରିଥାଏ। ଗଛର ପ୍ରତି କାଣ୍ଡରେ ଫୁଲ ଆସିଥାଏ। ମଞ୍ଜିଦ୍ୱାରା ବଂଶ ବିସ୍ତାର ହୁଏ। ଖରିଫ୍ ଋତୁରେ ପ୍ରଥମ ବର୍ଷା ହେଉ ହେଉ ଦେଖାଯାଏ। ସେପ୍ଟେମ୍ବରରୁ ନଭେମ୍ବର ପର୍ଯ୍ୟନ୍ତ ଫୁଲ ଓ ଫଳ ଧରେ।



# ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ (ପୋକ)

| ପୋକର ନାମ | ବିହନ ବିଶୋଧକ | ମାତ୍ରା (କି.ଗ୍ରା. ବିହନ ପ୍ରତି) |
|---|---|---|
| ଉଇ/ ଧବଳଭୃଙ୍ଗ/ ଜଉ /ଉକୁଣୀଆ / ପତ୍ରଡ଼ିଆଁ / ପତ୍ରସୁଡ଼ଙ୍ଗୀ | ଇମିଡାକ୍ଲୋପ୍ରିଡ୍ ୭୦ ଡବ୍ଲୁ.ଏସ୍. | ୫-୭ ଗ୍ରାମ୍ |
| | ଥାୟାମେଥୋକ୍ସାମ୍ ୭୦ ଡବ୍ଲୁ.ଏସ୍. | ୫-୭ ଗ୍ରାମ୍ |

| ପୋକର ନାମ | ରାସାୟନିକ ଜୀବନାଶକ | ମାତ୍ରା (ହେକ୍ଟର ପ୍ରତି) |
|---|---|---|
| ଉଇ / ଧବଳଭୃଙ୍ଗ | କ୍ଲୋରୋପାଇରିଫସ୍ ୨୦ ଇ.ସି. | ୧ ଲିଟର |
| ଧୂଆଁପତ୍ର ଗୋଟିପୋକ / ନାଲି ସଁବାଳୁଆ | କ୍ଲୋରୋପାଇରିଫସ୍ ୫୦ଇ.ସି. + ସାଇପରମେଥ୍ରିନ୍ ୫ଇ.ସି. | ୧ ଲିଟର |
| | ଟ୍ରାଇଆଜୋଫସ୍ ୪୦ ଇ.ସି. | ୧ ଲିଟର |
| | କ୍ଲୋରୋପାଇରିଫସ୍ ୨୦ ଇ.ସି. | ୧ ଲିଟର |
| | ସାଇପରମେଥ୍ରିନ୍ ୧୦ ଇ.ସି. | ୧ ଲିଟର |
| | ଡାଇକ୍ଲୋରଭସ୍ ୭୬ ଇ.ସି. | ୫୦୦ ମି.ଲି. |
| | ଇଣ୍ଡୋକ୍ସାକାର୍ବ ୧୫.୮ ଇ.ସି. | ୩୨୫ ମି.ଲି. |
| | କ୍ଲୋରୋପାଇରିଫସ୍ ୧.୫ ଡି. | ୨୫ କି.ଗ୍ରା. |
| ଜଉ /ଉକୁଣୀଆ / ପତ୍ରଡ଼ିଆଁ / ପତ୍ରସୁଡ଼ଙ୍ଗୀ | ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. | ୧୨୫ ମି.ଲି. |
| | ଏସିଟାମିପ୍ରିଡ୍ ୨୦ ଏସ୍.ପି. | ୧୦୦ ଗ୍ରାମ୍ |
| | ଏସିଫେଟ୍ ୭୫ଏସ୍.ପି. | ୧ କି.ଗ୍ରା. |
| | ଥାୟୋମେଥୋସ୍କାମ୍ ୨୫ ଡବ୍ଲୁ.ଜି. | ୧୨୫ ଗ୍ରାମ୍ |
| | ପ୍ରୋଫେନୋଫସ୍ ୫୦ ଇ.ସି. | ୧ ଲିଟର |
| | କୁଇନାଲଫସ୍ ୨୫ ଇ.ସି. | ୧ ଲିଟର |
| | ଫିପ୍ରୋନିଲ୍ ୫ ଏସ୍.ସି. | ୫୦୦ ମି.ଲି. |



# ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ (ରୋଗ)

| ରୋଗର ନାମ | ବିହନ ବିଶୋଧକ | ମାତ୍ରା (କି.ଗ୍ରା. ବିହନ ପ୍ରତି) |
|---|---|---|
| ଗଜାସଢ଼ା / କାଣ୍ଡସଢ଼ା / ବେକସଢ଼ା | କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. | ୨ ଗ୍ରାମ୍ |
| | ଥିରାମ୍ ୭୫ ଡବ୍ଲୁ.ଏସ୍. | ୩ ଗ୍ରାମ୍ |
| | କାର୍ବୋକସିନ୍ ୩୭.୫ + ଥିରାମ୍ ୩୭.୫ ଡି.ଏସ୍. | ୩ ଗ୍ରାମ୍ |

| ରୋଗର ନାମ | ରାସାୟନିକ ଜୀବନାଶକ | ମାତ୍ରା (ହେକ୍ଟର ପ୍ରତି) |
|---|---|---|
| ଗଜାସଢ଼ା / କାଣ୍ଡସଢ଼ା / ବେକସଢ଼ା | ପ୍ରୋପିକୋନାଜଲ୍ ୨୫ ଇ.ସି. | ୫୦୦ ମି.ଲି. |
| | ମେଟାଲାକ୍ସିଲ୍ ୮ + ମାଙ୍କୋଜେବ୍ ୬୪ ଡବ୍ଲୁ.ପି. | ୧ କି.ଗ୍ରା. |
| | କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. | ୭୫୦ ଗ୍ରାମ୍ |
| ଟୀକା / କଳଙ୍କି | ମାଙ୍କୋଜେବ୍ ୭୫ ଡବ୍ଲୁ.ପି. | ୧ କି.ଗ୍ରା. |
| | କାର୍ବେଣ୍ଡାଜିମ୍ ୧୨ + ମାଙ୍କୋଜେବ୍ ୬୩ ଡବ୍ଲୁ.ପି. | ୧ କି.ଗ୍ରା. |
| | ହେକ୍ସାକୋନାଜଲ୍ ୫ ଇ.ସି. | ୫୦୦ ମି.ଲି. |
| | ଟେବୁକୋନାଜଲ୍ ୨୫.୯ ଇ.ସି. | ୧ କି.ଗ୍ରା. |
| | କପର ହାଇଡ୍ରକ୍ସାଇଡ୍ ୭୭ ଡବ୍ଲୁ.ପି. | ୧୨୫୦ ଗ୍ରାମ୍ |
| | ଇପ୍ରୋଡିଅନ୍ ୫୦ ଡବ୍ଲୁ.ପି. | ୧ କି.ଗ୍ରା. |
| ଅଗ୍ରମୁକୁଳ ପୋଡ଼ା | ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. | ୧୨୫ ମି.ଲି. |
| | ଏସିଟାମିପ୍ରିଡ୍ ୨୦ ଏସ୍.ପି. | ୧୦୦ ଗ୍ରାମ୍ |
| | ଏସିଫେଟ୍ ୭୫ଏସ୍.ପି. | ୧ କି.ଗ୍ରା. |
| | ଥାୟୋମେଥୋସ୍କାମ୍ ୨୫ ଡବ୍ଲୁ.ଜି. | ୧୨୫ ଗ୍ରାମ୍ |
| | ପ୍ରୋପେନୋଫସ୍ ୫୦ ଇ.ସି. | ୧ ଲିଟର |
| | କୁଇନାଲଫସ୍ ୨୫ ଇ.ସି. | ୧ ଲିଟର |
| | ଫିପ୍ରୋନିଲ୍ ୫ ଏସ୍.ସି. | ୫୦୦ ମି.ଲି. |



# ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ (ତୃଣକ)

| ତୃଣକର ନାମ | ତୃଣନାଶକ | ମାତ୍ରା (ହେକ୍ଟର ପ୍ରତି) | ସମୟ |
|---|---|---|---|
| ଦୁବ, ମୁଥା, ସୁଆଁ, ମାଣ୍ଡିଆ ଘାସ, କଙ୍କଡା ଘାସ, କାନିଶିରି, କାଉ ପାଦିଆ, ବଣ ଲେଉଟିଆ ଓ କଣ୍ଟାଖଡ଼ା, ମୟୂର ଚୂଳିଆ / ଈଶ୍ୱରଜଟା/ ଲହଙ୍ଗା, ଦୁଧି, ପୋକଶୁଙ୍ଗା, ଗୟସ, ଅଣ ସୋରିଷିଆ, ବାଡିଅଁଳା | ଅକ୍ସିଫ୍ଲୁରୋଫେନ୍ ୨୩.୫ ଇ.ସି. | ୧ ଲିଟର | ମଞ୍ଜି ବୁଣିବାର ଦିନକ ପରେ |
| | ପେଣ୍ଡିମିଥାଲିନ୍ ୩୦ ଇ.ସି. | ୩.୩ ଲିଟର | ,, |
| | ଆଲାକ୍ଲୋର ୫୦ ଇ.ସି. / ୧୦ଜି. | ୨ ଲିଟର / ୨୫ କି.ଗ୍ରା. | ମଞ୍ଜି ବୁଣିବାର ୨-୪ ଦିନ ମଧ୍ୟରେ |
| | କ୍ଲୋମାଜୋନ ୫୦ ଇ.ସି. | ୧.୫ ଲିଟର | ମଞ୍ଜି ବୁଣିବାର ୨-୩ ଦିନ ମଧ୍ୟରେ |
| | ବୁଟାକ୍ଲୋର ୫୦ ଇ.ସି. | ୨ ଲିଟର | ,, |
| | କ୍ୱିଜାଲୋଫପ୍ ଇଥାଇଲ୍ ୫ ଇ.ସି. | ୧ ଲିଟର | ମଞ୍ଜି ଲଗାଇବାର ୧୦ ରୁ ୩୦ ଦିନ ମଧ୍ୟରେ |
| | ଇମାଜିଥାପିର୍ ୧୦ ଏସ୍.ଏଲ୍. | ୧ ଲିଟର | ମଞ୍ଜି ଲଗାଇବାର ୭ ରୁ ୧୪ ଦିନ ମଧ୍ୟରେ |
| | କ୍ଲୋରିମ୍ୟୁରନ୍ ଇଥାଇଲ୍ | ୪୦ ଗ୍ରାମ୍ | ମଞ୍ଜି ଲଗାଇବାର ୧୦-୩୦ ଦିନ ମଧ୍ୟରେ |

କୃଷି ସୂଚନା କେନ୍ଦ୍ର, ଓଡ଼ିଶା, ଭୁବନେଶ୍ୱର, ଏପ୍ରିଲ୍ ୨୦୧୩ - ୨,୦୦୦

ବିଭିନ୍ନ କୃଷିଜାତ ସାମଗ୍ରୀର
ବିକ୍ରିବଟା ପାଇଁ ୦୬୭୪-୬୫୧୫୧୫୧
ଓ କିଣିବା ପାଇଁ ୦୬୭୪-୬୫୩୫୩୫୩
ନମ୍ବରକୁ ଫୋନ୍ କରନ୍ତୁ ।

ଫସଲରେ ରୋଗ ପୋକ ଲାଗିଲେ
ପରାମର୍ଶ ପାଇଁ ୦୬୭୪-୬୫୩୦୬୫୩
ନମ୍ବରକୁ ଫୋନ୍ କରନ୍ତୁ ।

ସୁଯୋଗ ଆଣିଛି ଇ-ସର୍ବେକ୍ଷଣ
ଚାଷୀଭାଇ ରୋଗ ପୋକଙ୍କୁ ଚିହ୍ନ
ବେଳ ଥାଉଣୁ ହୁଅ ସାବଧାନ
ରୋଗ ପୋକର କର ନିୟନ୍ତ୍ରଣ ।

କୃଷକଙ୍କ ଉନ୍ନତି - ଦେଶର ପ୍ରଗତି



Printed by Agriculture Information Wing,
Odisha, Bhubaneswar